# ସବୁଜ ଗିରି
## SABUJA GIRI

KRISHI VIGYAN KENDRA, GAJAPATI

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ଅଷ୍ଟାଦଶ ବର୍ଷ | ସଂଖ୍ୟା-୦୧ | ବର୍ଷ-୨୦୨୨

NEWS LETTER


## ସମ୍ପ୍ରସାରଣ ଅଧକ୍ଷଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ନିଜସ୍ୱ ସମାଚାର ପତ୍ର 'ସବୁଜ ଗିରି'ର ଅଷ୍ଟାଦଶ ବର୍ଷର ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ । ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଚାଷୀମାନେ କୃଷି ଏବଂ ଉଦ୍ୟାନ କୃଷି ଉପରେ ବିଶେଷ ଭାବରେ ନିର୍ଭର କରନ୍ତି । ବିଗତ ଦିନମାନଙ୍କରେ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନେ ଧାନ ଚାଷ ସହିତ ମକା, ମାଣ୍ଡିଆ, ଡାଲି ଜାତୀୟ ଫସଲ, ତୈଳବୀଜ, ପନିପରିବା, ଫଳ ଚାଷ, କୁକୁଡ଼ା ପାଳନ, ଗୋ ପାଳନ, ଛତୁ ତଥା ମହୁ ଉତ୍ପାଦନରେ ବିଶେଷ ପାରଦର୍ଶିତା ଲାଭ କରିପାରିଛନ୍ତି । ଏହି ଦିଗରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ବିଶେଷ ଭୂମିକା ରହିଛି । କୃଷି ଓ କୃଷି ଆନୁସଙ୍ଗିକ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ଜ୍ଞାନକୌଶଳକୁ କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ଓ ତାଲିମ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କ ପାଖରେ ପହଞ୍ଚାଇବାରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ସଫଳତା ହାସଲ କରିଛି । ଏହି ସମାଚାର ପତ୍ରଟି ଜିଲ୍ଲାର କୃଷକ, କୃଷିଜୀବି ମହିଳା, ଯୁବକ, ଯୁବତୀ ଓ ସଂପ୍ରସାରଣ କର୍ମୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ଜ୍ଞାନକୌଶଳ ବିଷୟରେ ଅବଗତ କରାଇପାରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ।

'ସବୁଜ ଗିରି' ପତ୍ରିକାର ସଫଳ ପ୍ରକାଶନ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଏହି ପତ୍ରିକାଟି ଗଜପତି ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଏହା ବିଶେଷ ଉପଯୋଗୀ ହୋଇପାରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ରହିଛି ।

ପ୍ରଶାନ୍ତ ଜିତ୍ ମିଶ୍ର

ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗବେଷଣାଲବ୍ଧ ଜ୍ଞାନକୌଶଳ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଅନବରତ ଉଦ୍ୟମ ଜାରି ରହିଛି । ଏହି କେନ୍ଦ୍ର ମାଧ୍ୟମରେ କୃଷି ତଥା ଆନୁଷଙ୍ଗିକ ବିଷୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ଚାଷୀମାନଙ୍କ ପାଖରେ ପହଞ୍ଚାଯାଉଛି । କଥାରେ ଅଛି:-

"ନୁହଁଇ ମୁଁ କଳାକାର, ଅବା କାରିଗର
ତଥାପି ଫୁଟାଏ ହସ, ଫସଲରେ ବାରମ୍ବାର"

ଆମର ବିଶ୍ୱାସ ଓ ଆଶା ଏହି 'ସବୁଜ ଗିରି' କୃଷି ବାର୍ତ୍ତା କୃଷିର ପ୍ରଗତିରେ ଜଡିତ ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ଲୋକାଭିମୁଖି ତଥା ଲୋକପ୍ରିୟ କରାଇବାରେ ସହାୟକ ହେବ ।

ସଂଗ୍ରାମ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

## ଚାଷୀର କଲମରୁ...



ମୁଁ ଆଗରୁ ଦେଶୀ ଧାନ ଓ ମକା କିସମ ଚାଷ କରୁଥିଲି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନଙ୍କ ଠାରୁ ପରାମର୍ଶ, ତାଲିମ୍ ଏବଂ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଶିକ୍ଷାପାଇ ମୁଁ ଧାନ କିସମ ସି.ଆର-୩୧୦ (ଅଧିକ ପୁଷ୍ଟିକର ଧାନ) ଓ ମିଠା ମକା କିସମ (ସୁଗାର-୭୫) ଚାଷ କରି ସେଥିରୁ ଅଧିକ ଅମଳ ପାଇଲି ।

[illegible] ଚନ୍ଦ୍ର ପ୍ରଧାନ


ରା. ଉଦୟଗିରି, ଜିଲ୍ଲା-ଗଜପତି

## ପ୍ରାକୃତିକ କୃଷି ସଚେତନତା କାର୍ଯ୍ୟକ୍ରମ




ରା. ଉଦୟଗିରି ସ୍ଥିତ କେ.ଭି.କେ, ଗଜପତି ଦ୍ୱାରା ଚଳିତ ବର୍ଷ ତା:୨୬.୦୪.୨୦୨୨ରିଖ ଦିନ ସର୍ବ ଭାରତସ୍ତରୀୟ ପ୍ରାକୃତିକ କୃଷି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ ନିର୍ଦ୍ଦେଶ କ୍ରମେ ସାରାଭାରତ ବର୍ଷରେ ଥିବା ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ର ଗୁଡିକରେ ଜାତୀୟସ୍ତରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ରା. ଉଦୟଗିରି, ସହକାରୀ ଉଦ୍ୟାନ ଅଧିକାରୀ ଓ ପ୍ରାୟ ୧୩୪ ଜଣ କୃଷକ ଓ କୃଷିଜୀବି ମହିଳାମାନେ ଯୋଗଦେଇଥିଲେ ଓ ପ୍ରାକୃତିକ ଚାଷ ଉପରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ତରଫରୁ କୃଷି ଯନ୍ତ୍ରପାତି ବିଷେଶଜ୍ଞ ଇଂ. ଅମୀତ୍ ଜ୍ୟୋତି ମାଝୀ, କୃଷି ପାଣିପାଗ ବିଶେଷଜ୍ଞ ଶ୍ରୀ ଜୟଶଙ୍କର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତିୟା ଦିବସ ପାଳନ



କେ.ଭି.କେ, ଗଜପତି ଦ୍ୱାରା ତା:୦୩.୦୫.୨୦୨୨ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅକ୍ଷୟ ତୃତିୟା ପାଳନ ଏବଂ ଏକ କୃଷି ପ୍ରଦର୍ଶନୀ କରାଯାଇଥିଲା । ଏହି ଦିବସରେ ମୋହନା ବ୍ଲକ୍‌ର ମାନ୍ୟବର ବିଧାୟକ ଶ୍ରୀ ଦାଶରଥୀ ଗମାଙ୍ଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କେ.ଭି.କେ ଗଜପତି ତରଫରୁ ଏକ କୃଷି ପ୍ରଦର୍ଶନୀ ହୋଇଥିଲା ଓ ବିଭିନ୍ନ କୃଷିର ଜ୍ଞାନ କୌଶଳ ଉପରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଇଥିଲା । କେ.ଭି.କେ ତରଫରୁ ଡଃ. ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ), ଶ୍ରୀ ଜୟଶଙ୍କର ପ୍ରଧାନ (କୃଷି ପାଣିପାଗ ବିଶେଷଜ୍ଞ) ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବାର୍ଷିକ ଜୋନାଲ୍ କର୍ମଶାଳା ଓ ରାଷ୍ଟ୍ରିୟ ସମ୍ମିଳନୀ




ବାର୍ଷିକ ଜୋନାଲ କର୍ମଶାଳା ତା ୨୭.୦୫.୨୦୨୨ରୁ ତା ୨୯.୦୫.୨୦୨୨ ରିଖ ପର୍ଯ୍ୟନ୍ତ ଲାଥାଗୁଡି, ପଶ୍ଚିମବଙ୍ଗ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୩ ରାଜ୍ୟର ପ୍ରାୟ ୫୯ଟି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଯୋଗଦାନ କରିଥିଲେ । ଏହି ଅବସରରେ ବାର୍ଷିକର ସଫଳତା ଓ କାର୍ଯ୍ୟ ଯୋଜନା ଗୁଡିକ ଉପରେ ଆଲୋକପାତ କରାଯାଇଥିଲା ।

ରାଷ୍ଟ୍ରିୟ ସମ୍ମିଳନୀ ତା:୦୧.୦୬.୨୦୨୨ ରୁ ୦୨.୦୬.୨୦୨୨ରିଖ ପର୍ଯ୍ୟନ୍ତ ଡଃ. ୱାଇ.ଏସ. ପରମାର ଉଦ୍ୟାନ ଏବଂ ବନ ବିଶ୍ୱବିଦ୍ୟାଳୟ, ସୋଲାନ୍, ହିମାଚଳ ପ୍ରଦେଶ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୁଜୁରାଟର ରାଜ୍ୟପାଳ ମାନ୍ୟବର ଶ୍ରୀଯୁକ୍ତ ଆର୍ଚ୍ଚ୍ୟ ଦେବବ୍ରତ, ମାନ୍ୟବର ଶ୍ରୀ କୈଳାସ ଚୌଧୁରୀ, ରାଜ୍ୟ କୃଷିମନ୍ତ୍ରୀ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ, ନୂଆଦିଲ୍ଲୀ, ଡଃ. ତ୍ରିଲୋଚନ ମହାପାତ୍ର, ମହାନିର୍ଦ୍ଦେଶକ, ଆଇ.ସି.ଏ.ଆର୍, ନୂଆଦିଲ୍ଲୀ ଓ ଭାରତରେ ଥିବା ୭୩୧ଟି କେ.ଭି.କେର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଏବଂ ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର ଅଧିକାରୀ ମାନେ ଯୋଗଦାନ କରିଥିଲେ ।



## ମକା ଫସଲରେ ଶକ୍ତିଚାଳିତ ଘାସ ବଛା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ




ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କେ.ଭି.କେ ଗଜପତି ତରଫରୁ ରା. ଉଦୟଗିରି ବ୍ଲକ୍‌ର କଙ୍କଡାଗୁଡା ଗ୍ରାମ ଓ କେ.ଭି.କେ ପରିସରରେ ମକା ଚାଷରେ ଶକ୍ତି ଚାଳିତ ଘାସ ବଛା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ, କୃଷି ଯନ୍ତ୍ରପାତି ବିଶେଷଜ୍ଞ ଇଂ. ଅମୀତ୍ ଜ୍ୟୋତି ମାଝୀ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଏହି ଯନ୍ତ୍ରର ବ୍ୟବହାର, ଉପକାରିତା, ମରାମତି ଓ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ଯନ୍ତ୍ର ସାହାର୍ଯ୍ୟରେ ଧାଡିରେ ଲଗାଯାଇଥିବା ମକା ଫସଲ ମଧ୍ୟରେ ଥିବା ଘାସକୁ କମ ସମୟରେ ଓ କମ ଖର୍ଚ୍ଚରେ ନଷ୍ଟ କରାଯାଇପାରୁଛି । ଏତଦ୍ ବ୍ୟତୀତ ଓଡ ଚାଷ ପରେ, ମାଟି ଗୁଣ୍ଡ କରିବା, ମାଟିରେ ପଡିଥିବା ଖତ ଓ ସାରକୁ ଭଲ ଭାବରେ ମିଶାଇବା ପାଇଁ ବ୍ୟବହାର ହୋଇପାରୁଛି । ଫଳରେ ମାଟି ହାଲୁକା ହେବାଦ୍ୱାରା ଗଛର ଚେର ଭଲ ଭାବେ ବଢ଼ିଥାଏ ଓ ଅମଳ ମଧ୍ୟ ଅଧିକ ହୋଇପାରୁଛି । ଏହି ଯନ୍ତ୍ର ସାହାଯ୍ୟରେ ଘଣ୍ଟାପ୍ରତି ୦.୦୫ ରୁ ୦.୦୭ ହେକ୍ଟର ଘାସ ବଛା ଯାଇପାରୁଛି ଏବଂ ପାରମ୍ପରିକ ପଦ୍ଧତି ଠାରୁ କମ ଶ୍ରମରେ ଏବଂ ହେକ୍ଟର ପ୍ରତି ୨୦୦୦/- ରୁ ୨୫୦୦/- ଟଙ୍କା କମ୍ ଖର୍ଚ୍ଚରେ କୋଡାଖୋସା କାର୍ଯ୍ୟ ହୋଇପାରୁଛି । କେ.ଭି.କେ ତରଫରୁ ଏହି ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଗଜପତି ଜିଲ୍ଲାର ମକା ଫସଲ ଚାଷୀମାନଙ୍କୁ ବେଶ୍ ସହାୟକ ହେବବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଗାଜର ଘାସ ସଚେତନତା ସପ୍ତାହ ପାଳନ




ଅଗଷ୍ଟ ମାସର ୧୬ରୁ ୨୨ ତାରିଖକୁ ଗାଜର ଘାସ ସଚେତନତା ସପ୍ତାହ ରୂପେ ପାଳନ କରାଯାଇଥାଏ । ଏହି ବର୍ଷ କେ.ଭି.କେ ତରଫରୁ ମୋହନା ବ୍ଲକ୍ ଅର୍ନ୍ତଗତ କାଳିଆପଟା ଗ୍ରାମରେ ଏହି ସପ୍ତାହଟି ପାଳନ କରାଯାଇଥିଲା । ଆମେରିକା, ୱେଷ୍ଟଇଣ୍ଡିଜ ଭଳି ଦେଶରେ ବଢ଼ି ଉଠିଥିବା ଗାଜର ଘାସ ଧିରେ ଧିରେ ଭାରତରେ ମଧ୍ୟ ବଢ଼ି ଚାଲିଲା ଏବଂ ଏହି ଗାଜର ଘାସ ମନୁଷ୍ୟ ପ୍ରତି କେତେ ହାନିକାରକ ତା ବିଷୟରେ ବିସ୍ତୃତ ରୂପରେ ଆଲୋଚନା କରାଯାଇଥିଲା । ଏହି ଗାଜର ଘାସ ଯୋଗୁଁ ହେଉଥିବା ଶ୍ୱାସରୋଗ, ବିଭିନ୍ନ ପ୍ରକାର ଆର୍ଲଜୀ ସମ୍ପର୍କରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରାଯାଇଥିଲା । ଏହି ଗାଜର ଘାସକୁ ଦମନ କରିବା ପାଇଁ ମଧ୍ୟ ବିଭିନ୍ନ ରାସାୟନିକ ପଦ୍ଧତି ସମ୍ପର୍କରେ ଆଲୋଚନା କରାଯିବା ସହ ଆଖ ପାଖରେ ହେଉଥିବା ଗାଜର ଘାସକୁ ମୂଳରୁ ଓପାଡି ନଷ୍ଟ କରିଦେବାପାଇଁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଗ୍ରାମର ସମସ୍ତ ଚାଷୀ ଗାଁର ଆଖ ପାଖରେ ହୋଇଥିବା ଗାଜର ଘାସକୁ ନଷ୍ଟ କରିଥିଲେ । କାର୍ଯ୍ୟକ୍ରମଟିକୁ କେ.ଭି.କେର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ, କୃଷି ଯନ୍ତ୍ରପାତି ବିଶେଷଜ୍ଞ ଇଂ. ଅମୀତ୍ ଜ୍ୟୋତି ମାଝୀ ଏବଂ କୃଷି ପାଣିପାଗ ବିଶେଷଜ୍ଞ ଶ୍ରୀ ଜୟଶଙ୍କର ପ୍ରଧାନ ପରିଚାଳନା କରିଥିଲେ ।

## ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କେ.ଭି.କେ ଗଜପତି ତରଫରୁ ମୋହନା ବ୍ଲକ୍‌ର କାଳିଆପଟା ଗ୍ରାମରେ ଓୟୁଏଟି ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଆୟୋଜନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ, କୃଷି ଯାନ୍ତ୍ରୀକ ବୈଜ୍ଞାନିକ ଇଂ ଅମୀତ ଜ୍ୟୋତି ମାଝୀ, ମୋହନା ବ୍ଲକର ସହକାରୀ କୃଷି ଅଧିକାରୀ ତଥା ବେସରକାରୀ ସଂସ୍ଥାର ମୁଖ୍ୟ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଏହି ଯନ୍ତ୍ରର ବ୍ୟବହାର, ଉପକାରିତା, ମରାମତି ଓ ରକ୍ଷଣାବେକ୍ଷଣ ସମ୍ବନ୍ଧିୟ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସଂପ୍ରତି ଆମ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ମିଲେଟ୍ ମିଶନ ଜରିଆରେ ରାଜ୍ୟର ୧୫ଟି ଜିଲ୍ଲାରେ ମାଣ୍ଡିଆ ଚାଷ ପାଇଁ ଚାଷୀମାନଙ୍କୁ ଅନେକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବିଶ୍ୱବିଦ୍ୟାଳୟରେ ବିକଶିତ ହୋଇଥିବା ଓୟୁଏଟି ମାଣ୍ଡିଆ ଅମଳ ଓ ସଫାକରିବା ଯନ୍ତ୍ର ସାହାଯ୍ୟରେ ଘଣ୍ଟାପ୍ରତି ୮୦ରୁ୮୫ କିଲୋ ମାଣ୍ଡିଆ ଅମଳ ଓ ସଫା ହୋଇପାରୁଛି । ତେବେ ପାରମ୍ପରିକ ପଦ୍ଧତିରେ ହାତରେ ବାଡେଇ ଓ କୁଲାରେ ପାଛୁଡି ମାଣ୍ଡିଆ ଅମଳ କଲେ ଘଣ୍ଟାପ୍ରତି ମାତ୍ର ୫ରୁ୬କିଲୋ ମାଣ୍ଡିଆ ଅମଳ ହୋଇଥାଏ । ଏତଦ୍ ବ୍ୟତିତ ଏହି ପଦ୍ଧତିରେ ଅଧିକ ସମୟ, ପରିଶ୍ରମ ଓ ଖର୍ଚ୍ଚ ହେଉଥିବା ବେଳେ ମାଣ୍ଡିଆ ଦାନାରେ ବାଲି, ଗୋଡି ଇତ୍ୟାଦି ମିଶି ଯାଉଥିବାରୁ ମାଣ୍ଡିଆର ଗୁଣାତ୍ମକ ମୂଲ୍ୟ ହ୍ରାସ ପାଇଥାଏ, ଫଳରେ ମାଣ୍ଡିଆର ବଜାର ଦର ହ୍ରାସ ପାଇଥାଏ । ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଭାଇମାନେ ମାଣ୍ଡିଆ ଅମଳ କରିବା ପାଇଁ ଏହି ଯନ୍ତ୍ରକୁ ବ୍ୟବହାର କରି ବିଶେଷ ଉପକୃତ ହୋଇପାରୁଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏହି ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଗଜପତି ଜିଲ୍ଲା ମାଣ୍ଡିଆ ଚାଷୀ ମାନଙ୍କୁ ବେଶ ସହାୟକ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଏକ ଧାଡିଆ ପନିପରିବା ତଳି ରୁଆ ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ




ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କେ.ଭି.କେ ଗଜପତି ତରଫରୁ ରା. ଉଦୟଗିରି ବ୍ଲକ୍‌ର ଫଟାଛଞ୍ଜଡା ଗ୍ରାମରେ ତଥା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ଧାଡିଆ ପନିପରିବା ତଳି ରୁଆ ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ, କୃଷି ଯନ୍ତ୍ରପାତି ବିଶେଷଜ୍ଞ ଇଂ. ଅମୀତ୍ ଜ୍ୟୋତି ମାଝୀ, କ୍ଷେତ୍ର ବିଜ୍ଞାନ ବିଶେଷଜ୍ଞ ଶ୍ରୀ ସଂଜୀବ କୁମାର ମାଣ୍ଡି, କୃଷି ପାଣିପାଗ ବିଶେଷଜ୍ଞ ଶ୍ରୀ ଜୟଶଙ୍କର ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଏହି ଯନ୍ତ୍ରର ବ୍ୟବହାର, ଉପକାରିତା, ମରାମତି ଓ ରକ୍ଷଣା ବେକ୍ଷଣ ସମ୍ବନ୍ଧିୟ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ଯନ୍ତ୍ର ସାହାଯ୍ୟରେ ପ୍ରାୟ ୨୨୫ରୁ୨୬୦ଟି ପନିପରିବା ତଳି ୧ଘଣ୍ଟା ମଧ୍ୟରେ ରୁଆ ଯାଇପାରୁଛି । ତେବେ ପାରମ୍ପାରିକ ପଦ୍ଧତିରେ ହାତରେ ଓ ନଇଁକରି ଘଣ୍ଟାପ୍ରତି ମାତ୍ର ୧୧୦ରୁ ୧୪୦ଟି ପନିପରିବା ତଳି ରୁଆ ହୋଇପାରୁଛି । ଏତଦ୍ ବ୍ୟତୀତ ଏହି ପଦ୍ଧତିରେ ଅଧିକ ସମୟ, ପରିଶ୍ରମ ଓ ଖର୍ଚ୍ଚ ହେଉଥିବାବେଳେ ଏକ ଧାଡିଆ ପନିପରିବା ତଳି ରୁଆ ଯନ୍ତ୍ର ସାହାଯ୍ୟରେ ପ୍ରାୟ ହେକ୍ଟର ପିଛା ୧୮ରୁ୨୦ଟି ଶ୍ରମିକ ଓ ୫୦୦୦/-ରୁ୬୦୦୦/-ଟଙ୍କା କମ୍ ଖର୍ଚ୍ଚ ହୋଇପାରୁଛି । ଗଜପତି ଜିଲ୍ଲାର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଏହି ଯନ୍ତ୍ରକୁ ବ୍ୟବହାର କରି ବିଶେଷ ଉପକୃତ ହୋଇପାରୁଛନ୍ତି । କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଏହି ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଗଜପତି ଜିଲ୍ଲାର ପନିପରିବା ଚାଷୀମାନଙ୍କୁ ବେଶ୍ ସହାୟକ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ପ୍ରକାଶକ: କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, ମୁଖ୍ୟ ସମ୍ପାଦକ: ଡଃ. ସଂଗ୍ରାମ ପରମଗୁରୁ, (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
ସମ୍ପାଦନା ମଣ୍ଡଳୀ: ଶ୍ରୀ ଜୟଶଙ୍କର ପ୍ରଧାନ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ), ଶ୍ରୀ ସଂଜୀବ କୁମାର ମାଣ୍ଡି, ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ), ଇଂ. ଅମୀତ୍ ଜ୍ୟୋତି ମାଝୀ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯନ୍ତ୍ରପାତି), ଶ୍ରୀ ମନୋଜ କୁମାର ସାହୁ, କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର)
ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬, Email: kvkgajapati.ouat@gmail.com